# ମନୋଜ ଦାସଙ୍କ ବିୟୋଗରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଶୋକ

କଟକ,୨୮।୪(ସମିସ): ଦ୍ୱିଭାଷୀ ଲେଖକ ତଥା ସାହିତ୍ୟ ଏକାଡେମୀର ଫେଲୋ ପ୍ରଫେସର ମନୋଜ ଦାସଙ୍କ ଦେହାନ୍ତରେ କେନ୍ଦ୍ରସାହିତ୍ୟ ଏକାଡେମୀ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଶୋକବାର୍ତ୍ତାରେ ଏକାଡେମୀର ସଚିବ କେ ଶ୍ରୀନିବାସ ରାଓ କହିଛନ୍ତି ଯେ ଆଧୁନିକ ଓଡ଼ିଶା ସାହିତ୍ୟର ଲୋକପ୍ରିୟ ଲେଖକ, ଦେଶର ଦ୍ୱିଭାଷୀ ଲେଖକଙ୍କ ମଧ୍ୟରେ ଅଗ୍ରଣୀ, ଆଧୁନିକ ଭାରତର ମନିଷୀଙ୍କ ମଧ୍ୟରେ ଅନ୍ୟତମ ଥିଲେ ପ୍ରଫେସର ଦାସ। ନିକଟରେ ଏକାଡେମୀର ତରଫରୁ ଭାରତୀୟ ମିଥ୍, କିମ୍ବଦନ୍ତୀ ଏବଂ ସାରସ୍ୱତ ଐତିହ୍ୟ ଉପରେ ତାଙ୍କର ଏକ ଅମୂଲ୍ୟ ପୁସ୍ତକ ପ୍ରକାଶିତ ହୋଇଥିଲା। ପଦ୍ମଭୂଷଣ ଉପାଧି, ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟତା, ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ବେଦବ୍ୟାସ ସମ୍ମାନ, ସାରଳା ପୁରସ୍କାର, ସରସ୍ୱତୀ ସମ୍ମାନ ଆଦି ବହୁ ସମ୍ମାନ ଓ ପୁରସ୍କାରର ସେ ଅଧିକାରୀ ଥିଲେ।

## କଟକ ମହାନଗର ନାଗରିକ ମହାସଭା ଓ କଟକ ଜିଲ୍ଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଶୋକ

କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବିରଞ୍ଜନ ସାହୁ, ଜିଲ୍ଲା ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହୀ ସଭାପତି ଦେବୀପ୍ରସାଦ ନନ୍ଦ, ସାଧାରଣ ସଂପାଦକ ଶ୍ୟାମସୁନ୍ଦର ସାହୁ, ସଂଗଠନ ସଂପାଦକ ନରସିଂହ ମହାପାତ୍ର, ସଂପାଦକ ଡକ୍ଟର ରାଜକିଶୋର ମହାନ୍ତି, ଶତ୍ରୁଘ୍ନ ପଟ୍ଟନାୟକ, ମାଧବ ମିଶ୍ର, ନିଶିକାନ୍ତ ମିଶ୍ର, ଡକ୍ଟର ହୁସେନ ରବି ଗାନ୍ଧି, ଭୁବନାନନ୍ଦ ମହାନ୍ତି, ଡକ୍ଟର ବସନ୍ତ ମଞ୍ଜରୀ ନନ୍ଦ, ଗୋପାଳଚନ୍ଦ୍ର ମିଶ୍ର, ନଳିନୀପ୍ରଭା ନାୟକ, ରମାକାନ୍ତ ମହାପାତ୍ର, ବନଲତା ସିଂ, ଅରୁଣା ସାମନ୍ତରାୟ, ବିଷ୍ଣୁମୋହନ ଦାସସାମନ୍ତ, ବୈଷ୍ଣବ ପରିଡ଼ା, ବଂଶୀମୋହନ ଶତପଥୀ, ଅଶ୍ୱିନୀ ସେଠୀ, ଅର୍ଜୁନ ମହାକୁଳ, ଅଜୟ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

The 'Sakala' News paper

29.04.2021

# ମନୋଜ ଦାସଙ୍କ ବିୟୋଗରେ କେ. ଶ୍ରୀନିବାସ ରାଓଙ୍କ ଶୋକ

କଟକ,୨୮।୪(ବ୍ୟୁରୋ): ଖ୍ୟାତନାମା ଦ୍ୱିଭାଷୀ ଲେଖକ, ବିଦ୍ୱାନ ତଥା ସାହିତ୍ୟ ଏକାଡେମୀର ଫେଲୋ ପଦ୍ମଭୂଷଣ ପ୍ରଫେସର ମନୋଜ ଦାସଙ୍କ ଦେହାନ୍ତରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଶୋକବାର୍ତ୍ତାରେ ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ କହିଛନ୍ତି ଯେ ଆଧୁନିକ ଓଡିଆ ସାହିତ୍ୟର ଲୋକପ୍ରିୟ ଲେଖକ, ଦେଶର ଦ୍ୱିଭାଷୀ ଲେଖକମାନଙ୍କ ମଧ୍ୟରେ ଅଗ୍ରଣୀ, ଆଧୁନିକ ଭାରତର ମନୀଷୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ପ୍ରଫେସର ଦାସ। ସେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ସାହିତ୍ୟର ଜଣେ ପ୍ରତିଷ୍ଠିତ ବିଦ୍ୱାନ ଥିଲେ। ନିକଟରେ ଏକାଡେମୀ ତରଫରୁ ଭାରତୀୟ ମିଥ୍, କିମ୍ବଦନ୍ତୀ ଏବଂ ସାରସ୍ୱତ ଐତିହ୍ୟ ଉପରେ ତାଙ୍କର ଏକ ଅମୂଲ୍ୟ ପୁସ୍ତକ ପ୍ରକାଶିତ ହୋଇଥିଲା। ପଦ୍ମ ଭୂଷଣ ଉପାଧି, ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ବେଦବ୍ୟାସ ସମ୍ମାନ, ସାରଳା ପୁରସ୍କାର, ସରସ୍ୱତୀ ସମ୍ମାନ ଆଦି ବହୁ ସମ୍ମାନ ଓ ପୁରସ୍କାରର ସେ ଅଧିକାରୀ ହୋଇଥିଲେ। ପ୍ରଫେସର ଦାସଙ୍କ ବିୟୋଗରେ ଏକାଡେମୀ ଗଭୀର ଶୋକ ବ୍ୟକ୍ତ କରୁଛି ବୋଲି

Daily Prameya
29.04.2021

# କେନ୍ଦ୍ର ସାହିତ୍ୟ ଏକାଡେମୀର ଶୋକ

ଖ୍ୟାତନାମା ଦ୍ୱିଭାଷୀ ଲେଖକ, ବିଦ୍ୱାନ ତଥା ସାହିତ୍ୟ ଏକାଡେମୀର ଫେଲୋ ପ୍ରଫେସର ମନୋଜ ଦାସଙ୍କ ଦେହାନ୍ତରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଶୋକବାର୍ତ୍ତାରେ ଏକାଡେମୀର ସଚିବ କହିଛନ୍ତି ଯେ ଆଧୁନିକ ଓଡ଼ିଆ ସାହିତ୍ୟର ଲୋକପ୍ରିୟ ଲେଖକ, ଦେଶର ଦ୍ୱିଭାଷୀ ଲେଖକମାନଙ୍କ ମଧ୍ୟରେ ଅଗ୍ରଣୀ, ଆଧୁନିକ ଭାରତର ମନୀଷୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ପ୍ରଫେସର ଦାସ । ସେ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଓ ସାହିତ୍ୟର ଜଣେ ପ୍ରତିଷ୍ଠିତ ବିଦ୍ୱାନ ଥିଲେ । ତାଙ୍କର ଚାଳିଶରୁ ଅଧିକ ପ୍ରକାଶିତ କୃତିରେ ଉପନ୍ୟାସ, ଗଳ୍ପ ସଂକଳନ, କବିତା ସଂଗ୍ରହ ଏବଂ ଭ୍ରମଣ କାହାଣୀ ଅନ୍ତର୍ଭୁକ୍ତ । ନିକଟରେ ଏକାଡେମୀ ତରଫରୁ ଭାରତୀୟ ମିଥ୍, କିମ୍ବଦନ୍ତୀ ଏବଂ ସାରସ୍ୱତ ଐତିହ୍ୟ ଉପରେ ତାଙ୍କର ଏକ ଅମୂଲ୍ୟ ପୁସ୍ତକ ପ୍ରକାଶିତ ହୋଇଥିଲା । ପଦ୍ମ ଭୂଷଣ ଉପାଧି, ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟତା, ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ବେଦବ୍ୟାସ ସମ୍ମାନ, ସାରଳା ପୁରସ୍କାର, ସରସ୍ୱତୀ ସମ୍ମାନ ଆଦି ବହୁ ସମ୍ମାନ ଓ ପୁରସ୍କାରର ସେ ଅଧିକାରୀ ହୋଇଥିଲେ । ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ତାଙ୍କର ଲେଖା ବହୁ ପିଢ଼ିର ଲେଖକଙ୍କୁ ପ୍ରଭାବିତ କରିଆସିଛି । ପ୍ରଫେସର ଦାସଙ୍କ ବିୟୋଗରେ ଏକାଡେମୀ ଗଭୀର ଶୋକ ବ୍ୟକ୍ତ କରୁଛି ବୋଲି ସଚିବ କେ.ଶ୍ରୀନିବାସ ରାଓ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି ।

Daily Odia 'Nitidin'
29.04.2021

## ତାଙ୍କ କୃତି ସବୁଦିନ ଅମର ରହିବ: କେ. ଶ୍ରୀନିବାସରାଓ

ଖ୍ୟାତନାମା ଲେଖକ, ଅନୁବାଦକ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ମହତ୍ତର ସଦସ୍ୟ ମନୋଜ ଦାସ ଆଉ ନାହାନ୍ତି। ମନୋଜ ଦାସ କେବଳ ଜଣେ ପ୍ରସିଦ୍ଧ ସାହିତ୍ୟିକ ନ ଥିଲେ, ସେ ଗଭୀର ଆଧ୍ୟାତ୍ମିକ ଚେତନାର ଜଣେ ଭାବୁକ ବ୍ୟକ୍ତି ଥିଲେ। ମୋର ସୌଭାଗ୍ୟ ଯେ, ଦୁଇ ଦଶନ୍ଧି ଧରି ତାଙ୍କ ସହିତ ମୋର ସମ୍ପର୍କ ଥିଲା। ତାଙ୍କର କୃତି ସବୁଦିନ ପାଇଁ ଅମର ରହିବ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଶ୍ରୀନିବାସ ରାଓ କହିଛନ୍ତି।